# NATIONAL NEWS BULLETIN (ODIA)
## 26th October - 2024
## Evening Bulletin : 7.15 p.m.

************************************

ଆକାଶବାଣୀ.....     ସମ୍ବାଦ ପଢ଼ୁଛନ୍ତି.....     **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ପ୍ରତ୍ୟେକ ଡାକ୍ତର ବୃତ୍ତିଗତ ଜୀବନରେ କିଛିବର୍ଷ ଗ୍ରାମାଞ୍ଚଳ ପାଇଁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଲେ ରାଷ୍ଟ୍ରପତି ।
- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ।
- ତିନିଦିନିଆ ଭାରତ ଗସ୍ତରେ ଆସନ୍ତାକାଲି ଆସି ପହଞ୍ଚିବେ ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍ ।
- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବି.ଜେ.ପି. ଘୋଷଣା କଲା ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ।

ଏବଂ

- ଦ୍ୱିତୀୟ ଟେଷ୍ଟ ଜିତି ତିନିଟିକିଆ ସିରିଜ୍‌କୁ ଅକ୍ତିଆର୍ କରିଛି ନ୍ୟୁଜିଲାଣ୍ଡ ।

— ଭାରତ ୧୧୩ ରନ୍‌ରେ ପରାସ୍ତ ।

## ପ୍ରେଜ୍ - ଛତିଶଗଡ଼ ଭିଜିଟ୍

ପ୍ରତ୍ୟେକ ଡାକ୍ତର ନିଜର ବୃତ୍ତିଗତ ଜୀବନରେ କିଛିବର୍ଷ ଗ୍ରାମାଞ୍ଚଳ ପାଇଁ ଉତ୍ସର୍ଗ କରିବା ଉଚିତ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନବ ରାୟପୁରସ୍ଥିତ ସ୍ୱାସ୍ଥ୍ୟ ବିଜ୍ଞାନ ଓ ଆୟୁଷ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ଛତିଶଗଡ଼ ଭଳି ରାଜ୍ୟରେ ଔଷଧୀୟ ବୃକ୍ଷର ଅତୁଟ ଭଣ୍ଡାର ରହିଛି । ଏହାକୁ ଆଧାର କରି ଗବେଷଣା କ୍ଷେତ୍ରକୁ ଅଧିକ ବ୍ୟାପକ କରିବାପାଇଁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ଏହାପୂର୍ବରୁ ରାଷ୍ଟ୍ରପତି ମୁର୍ମୁ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ଆଇ.ଆଇ.ଟି.ର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ । ସେ କହିଥିଲେ, ଆଦିବାସୀ ଲୋକଙ୍କ ଜୀବନଶୈଳୀରୁ ଶିକ୍ଷା ଗ୍ରହଣ କରି ଦେଶର ସ୍ଥାୟୀ ବିକାଶରେ ଏହାର ଉପଯୋଗ କରାଯାଇପାରିବ । ବିକାଶ ପ୍ରକ୍ରିୟାରେ ଆଦିବାସୀ ଲୋକ ସହଭାଗୀ ହୋଇପାରିଲେ ଦେଶର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ହୋଇପାରିବ ବୋଲି ରାଷ୍ଟ୍ରପତି କହିଥିଲେ । ରାଷ୍ଟ୍ରପତି କହିଥିଲେ,

ଆଦିବାସୀଙ୍କ ପ୍ରାକୃତିକ ଜୀବନଶୈଳୀରୁ ସଂଗୃହୀତ ଜ୍ଞାନ ସାମାଜିକ ଉନ୍ନତି କ୍ଷେତ୍ରରେ ବିଶେଷ ଉପଯୋଗୀ ହୋଇପାରିବ ।

## ପି.ଏମ୍. - ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କି ବାତ୍‌ର ୧୧୫ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରାଯିବ । ରାତି ୮ଟାରେ ଏହି ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ସ୍ପେନ୍ - ପ୍ରେସିଡେଣ୍ଟ ଭିଜିଟ୍

ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍ ଆସନ୍ତାକାଲିଠାରୁ ତିନିଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ତାଙ୍କ ସହ ବେଗୋନା ଗୋମେଜ୍ ମଧ୍ୟ ଭାରତ ଗସ୍ତରେ ଆସିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ରାଷ୍ଟ୍ରପତି ସାଞ୍ଚେଜ୍‌ଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ୧୮ ବର୍ଷ ପରେ ସ୍ପେନ୍‌ର ରାଷ୍ଟ୍ରପତି ଭାରତ ଗସ୍ତରେ ଆସୁଛନ୍ତି । ପୂର୍ବରୁ ବିଭିନ୍ନ ବହୁପକ୍ଷୀୟ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏବଂ ରାଷ୍ଟ୍ରପତି ସାଞ୍ଚେଜ୍‌ଙ୍କ ମଧ୍ୟରେ ସାକ୍ଷାତ୍ ଆଲୋଚନା ହୋଇସାରିଛି । ଗସ୍ତ ଅବସରରେ ରାଷ୍ଟ୍ରପତି ସାଞ୍ଚେଜ୍ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ରାଷ୍ଟ୍ରପତି ସାଞ୍ଚେଜ୍‌ଙ୍କ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ସାଞ୍ଚେଜ୍ ମୁମ୍ବାଇ ଗସ୍ତରେ ଯାଇ ବାଣିଜ୍ୟ ଏବଂ ଶିଳ୍ପୋଦ୍ୟୋଗୀ ଓ ଚଳଚ୍ଚିତ୍ର ଶିଳ୍ପ ସହିତ ଜଡ଼ିତ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ ।

# ପି.ଏମ୍. - ଗୁଜରାଟ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାର ଗୁଜରାଟ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦି ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍‌ଙ୍କ ସହ ସି.-୨୯୫ ବିମାନ ଉତ୍ପାଦନପାଇଁ ଟାଟା ଏୟାର୍‌କ୍ରାଫ୍ଟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ । ଅମରେଲିଠାରେ ପ୍ରଧାନମନ୍ତ୍ରୀ ଭାରତମାତା ସରୋବର ଉଦ୍‌ଘାଟନ କରିବା ସହିତ ପ୍ରାୟ ୪ ହଜାର ୯୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପ୍ରକଳ୍ପର ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପଗୁଡ଼ିକଦ୍ୱାରା ଅମରେଲି, ଜାମ୍‌ନଗର, ମୋର୍ବି, ଦ୍ୱାରକା, ଜୁନାଗଡ଼, ପୋରବନ୍ଦର, କଚ୍ଛ ଏବଂ ବୋଟାଦ୍ ଅଞ୍ଚଳର ଜନସାଧାରଣ ବିଶେଷ ଉପକୃତ ହେବେ । ଯୋଗାଯୋଗାରେ ଉନ୍ନତି ଆଣିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ୨ ହଜାର ୮୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ସଡ଼କ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ପ୍ରାୟ ୧୧ ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ଭୁଜ୍-ନଲିୟା ରେଳ ଗେଜ୍ ରୂପାନ୍ତରଣ ପ୍ରକଳ୍ପକୁ ଲୋକାର୍ପଣ କରିବେ । ଅମରେଲି ଜିଲ୍ଲାରେ ଜଳଯୋଗାଣ ବିଭାଗ ପକ୍ଷରୁ ୭୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଶ୍ରୀ ମୋଦି ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏଥିସହ  ପର୍ଯ୍ୟଟନ ସମ୍ପର୍କିତ କେତେକ ବିକାଶମୂଳକ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବେ ବୋଲି ଜଣାପଡ଼ିଛି ।

## ଭି.ପି. - ବେଙ୍ଗାଲୁରୁ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ କହିଛନ୍ତି, ଭାରତର ସାଂସ୍କୃତିକ ଦର୍ଶନ 'ବସୁଧୈବ କୁଟୁମ୍ବକମ୍' ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଅଭିହିତ କରିଛି । ବେଙ୍ଗାଲୁରୁଠାରେ ଆଜି ଅନୁଷ୍ଠିତ ଶ୍ରୀଭାରତୀ ତୀର୍ଥସ୍ୱାମିଜୀଙ୍କ ସନ୍ନ୍ୟାସ ସୁବର୍ଣ୍ଣ ମହୋତ୍ସବର 'ନମଃ ଶିବାୟ ପାଠ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଧନଖଡ୍ ଏହା କହିଛନ୍ତି । ସେ କହିଛନ୍ତି, ସନାତନ ଧର୍ମ ଅନ୍ତର୍ଭୁକ୍ତୀକରଣର ପ୍ରତୀକ । ଭାରତବାସୀ ନମ୍ରତା, ଅହିଂସା ଏବଂ ବୟୋଜ୍ୟେଷ୍ଠ ଓ ଶିକ୍ଷକଙ୍କ ପ୍ରତି ସମ୍ମାନକୁ ଗୁରୁତ୍ୱ ପ୍ରଦାନ କରିଥା'ନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ, ଭି. ସୋମନ୍ନା ଏବଂ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ପ୍ରମୁଖ ଯୋଗ ଦେଇଥିଲେ ।

## ବି.ଜେ.ପି. - ଲିଷ୍ଟ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବି.ଜେ.ପି. ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏଥିରେ ୨୨ ଜଣ ପ୍ରାର୍ଥୀଙ୍କ ନାମ ସ୍ଥାନ ପାଇଛି । କେନ୍ଦ୍ରୀୟ ନାଶିକ ବିଧାନସଭା ମଣ୍ଡଳୀରୁ ଦଳ ପକ୍ଷରୁ ଦେବଯାନୀ

ସୁହାସ ଫାରାଣ୍ଡେ, ଗଡ଼ଚିରୋଲି ଆସନରୁ ଡକ୍ଟର ମିଲିନ୍ଦ ରାମ୍‌ଜୀ ନାରୋଟେ ଏବଂ ମାଲ୍‌କାପୁର ବିଧାନସଭା ଆସନରୁ ଚୈନସୁଖ ମଦନଲାଲ ସାଞ୍ଚେଟିଙ୍କୁ ପ୍ରାର୍ଥୀ କରାଯାଇଛି ।

## ଏନ୍.ସି.ପି. (ଏସ୍.ପି.) ସେକେଣ୍ଡ ଲିଷ୍ଟ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି ଶରଦ୍ ପାୱାର ନେତୃତ୍ୱାଧୀନ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି - ଏନ୍.ସି.ପି. ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଏରାଣ୍ଡୋଲ୍ ଆସନରୁ ସତିଶ ଆନ୍ନା ପାଟିଲ୍, ଗଙ୍ଗପୁରରୁ ସତୀଶ ଚଭନ, ସାହାପୁରରୁ ପାଣ୍ଡୁରଙ୍ଗ ବରୋରା, ପାରାଣ୍ଡାରୁ ରାହୁଲ୍ ମୋଟେ, ବୀଡ୍‌ରୁ ସନ୍ଦୀପ୍ କ୍ଷୀରସାଗର, ବେଗ୍‌ଲାନ୍‌ରୁ ଦୀପିକା ଚଭନ୍, ୟେଓଲାରୁ ମାଣିକରାଓ ସିନ୍ଦେ, ପୂର୍ବ ନାଶିକ୍‌ରୁ ଗଣେଶ ଗିତେ ଆଦି ଅଛନ୍ତି । ଏହାକୁ ମିଶାଇ ଦଳ ପକ୍ଷରୁ ଏପର୍ଯ୍ୟନ୍ତ ୬୭ ଜଣଙ୍କ ନାମ ଘୋଷଣା କରାଯାଇଛି ।

# ଝାଡ଼ଖଣ୍ଡ - ନୋମିନେସନ୍

ଝାଡ଼ଖଣ୍ଡ ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତା ସୋମବାର ଦିନ ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ କରାଯିବ । ୩୦ ତାରିଖ ହେଉଛି ମନୋନୟନପତ୍ର ପ୍ରତ୍ୟାହାରର ଶେଷଦିବସ । ଏହି ପର୍ଯ୍ୟାୟରେ ଆସନ୍ତାମାସ ୧୩ ତାରିଖରେ  ୪୩ଟି ଆସନ ଲାଗି ମତଗ୍ରହଣ କରାଯିବ । ମୋଟ୍ ୧ ହଜାର ୬୦୯ ଜଣ ପ୍ରାର୍ଥୀ ଗତକାଲି ଶେଷଦିନ ସୁଦ୍ଧା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବରକଠା ବିଧାନସଭା ଆସନ ଲାଗି ସର୍ବାଧିକ ୭୦ଟି ମନୋନୟନପତ୍ର ଦାଖଲ ହୋଇଛି । ଦୁଇଟି ପର୍ଯ୍ୟାୟରେ ଝାଡ଼ଖଣ୍ଡ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତାମାସ ୨୦ ତାରିଖ ଦିନ ବାକି ଆସନ ଲାଗି ମତଦାନ କରାଯିବ ।

# ଝାଡ଼ଖଣ୍ଡ ଆସେମ୍ବ୍ଲି

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ୫ଟି ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ତଲାସୀ ଅଭିଯାନ କରାଯାଉଛି । ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଅଜୟ କୁମାର ସିଂହ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ମାଓ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ

ନିଆଯାଇଛି । ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ଜୋରଦାର୍ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଇତିମଧ୍ୟରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ସମୟରେ ବେଆଇନ କାର୍ଯ୍ୟକଳାପ ତଥା ନଗଦ କ୍ୟାସ୍ ଆକାରରେ ୫୭ କୋଟି ୬୭ ଲକ୍ଷ ଟଙ୍କା ଜବତ କରାଯିବା ସହ ୧୯ଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

## ଇସ୍ରାଏଲ୍ - ଷ୍ଟ୍ରାଇକ୍ ଇରାନ୍

ଇସ୍ରାଏଲ୍ ପକ୍ଷରୁ ଇରାନର ଅନେକ ଗୁଡ଼ିଏ ସେନା ଆଡ୍ଡା ଉପରେ ଆଜି ସକାଳେ ଆକ୍ରମଣ କରାଯାଇଛି । ୩ଟି ପ୍ରଦେଶର ସାମରିକ ପ୍ରତିଷ୍ଠାନକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି । ଏଥିରେ ୨ ଜଣ ସୈନିକଙ୍କର ମୃତ୍ୟୁ ହୋଇଥିବା ଇରାନ୍ ସ୍ପଷ୍ଟ କରିଛି । ଇସ୍ରାଏଲ୍‌ର ପ୍ରତିରକ୍ଷା ବାହିନୀ ଦେଇଥିବା ସୂଚନା ଅନୁଯାୟୀ ତେହେରାନ୍, ଖୁଜେସ୍ତାନ ଏବଂ ଇଲାମ ପ୍ରଦେଶର କ୍ଷେପଣାସ୍ତ୍ର ଉତ୍ପାଦନ କେନ୍ଦ୍ର ସମେତ ୨୦ଟି ଚିହ୍ନଟ ଅଞ୍ଚଳ ଉପରେ ଆକ୍ରମଣ ହୋଇଥିଲା । ତେବେ ଇରାନ୍ କହିଛି, ଅନେକ କ୍ଷେପଣାସ୍ତ୍ର ଆକ୍ରମଣକୁ ଇରାନ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ ପ୍ରତିହତ କରିପାରିଛି । ଇସ୍ରାଏଲ୍ କହିଛି, ଇରାନ୍ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ହିଜବୁଲ୍ଲା ପକ୍ଷରୁ ଇସ୍ରାଏଲ ଉପରକୁ ୮୦ଟି ରକେଟ୍ ମାଡ଼ କରାଯାଇଥିଲା । ଏହାର ଜବାବରେ ଏହି ପଦକ୍ଷେପ ନିଆଯାଇଛି ।

## ସୋମନାଥ ଇସ୍ରୋ - ଆଇ.ଆଇ.ଟି. ଦିଲ୍ଲୀ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା - ଇସ୍ରୋର ଅଧ୍ୟକ୍ଷ ଡକ୍ଟର ଏସ୍. ସୋମନାଥ କହିଛନ୍ତି, ମହାକାଶ ପ୍ରଯୁକ୍ତି କ୍ଷେତ୍ର ବ୍ୟାପକ ହୋଇଛି । ଏହା ଲୋକଙ୍କ ପାଇଁ ଅଧିକ ଉପଲବ୍ଧ ହୋଇପାରିଛି । ଦିଲ୍ଲୀ ଆଇ.ଆଇ.ଟି.ର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଡକ୍ଟର ସୋମନାଥ କହିଛନ୍ତି, ଅର୍ଥନୀତି, ନିଯୁକ୍ତି ଆଦି କ୍ଷେତ୍ରଗୁଡ଼ିକ ଉପରେ ମହାକାଶ ପ୍ରଯୁକ୍ତି ବିଦ୍ୟାର ପ୍ରଭାବ ବୃଦ୍ଧି ପାଉଛି । ମହାକାଶ କ୍ଷେତ୍ରରେ ଅଧିକ ଘରୋଇ ପୁଞ୍ଜିନିବେଶକୁ ସରକାର ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି ।

## ଇଣ୍ଡିଆ-ନ୍ୟୁଜିଲାଣ୍ଡ ଟେଷ୍ଟ

ପୁଣେ ଟେଷ୍ଟ ମ୍ୟାଚ୍‌କୁ ଜିତି ନ୍ୟୁଜିଲାଣ୍ଡ ଚଳିତ ତିନିଟିକିଆ ସିରିଜ୍ ବିଜୟୀ ହୋଇଛି । ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଭାରତକୁ ୧୧୩ ରନ୍‌ରେ ପରାସ୍ତ କରିଛି । ଏଥିସହ ସିରିଜ୍‌ରେ ନ୍ୟୁଜିଲାଣ୍ଡ ୨-୦ରେ ଆଗୁଆ ରହିଛି । ଭାରତର ଦ୍ୱିତୀୟ ଇନିଙ୍ଗ୍‌ସ୍ ୨୪୫ ରନ୍‌ରେ ଶେଷ ହୋଇଥିଲା । ଆଜିର ତୃତୀୟ ଦିନର ଖେଳରେ ନ୍ୟୁଜିଲାଣ୍ଡ ତା'ର ଦ୍ୱିତୀୟ ଇନିଙ୍ଗ୍‌ସ୍ ୫ ୱିକେଟ୍

ବିନିମୟରେ ୧୯୮ ରନ୍‌ରୁ ଆରମ୍ଭ କରିଥିଲା । ସମସ୍ତ ୱିକେଟ୍ ହରାଇ ନ୍ୟୁଜିଲାଣ୍ଡ ୨୫୫ ରନ୍ ସଂଗ୍ରହ କରିଥିଲା । ମ୍ୟାଚ୍‌କୁ ଜିତିବାପାଇଁ ଭାରତ ସମ୍ମୁଖରେ ୩୫୯ ରନ୍‌ର ଲକ୍ଷ୍ୟଧାର୍ଯ୍ୟ କରିଥିଲା । ଏହି ଲକ୍ଷ୍ୟକୁ ହାସଲ କରିବାପାଇଁ ଭାରତ ତା'ର ଦ୍ୱିତୀୟ ଇନିଙ୍ଗ୍‌ସ ବ୍ୟାଟିଂ ଆରମ୍ଭ କରିଥିଲା । ତେବେ ଭାରତ ସମସ୍ତ ୱିକେଟ୍ ବିନିମୟରେ ୨୪୫ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଚୂଡ଼ାନ୍ତ ସ୍କୋର : ନ୍ୟୁଜିଲାଣ୍ଡ ପ୍ରଥମ ଇନିଙ୍ଗସ୍ - ୨୫୯ ରନ୍
ଭାରତ ପ୍ରଥମ ଇନିଙ୍ଗ୍‌ସ - ୧୫୬ ରନ୍
ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଙ୍ଗସ୍ - ୨୫୫ ରନ୍
ଭାରତ ଦ୍ୱିତୀୟ ଇନିଙ୍ଗ୍‌ସ - ୨୪୫ ରନ୍

ଭାରତ ପକ୍ଷରୁ ଦ୍ୱିତୀୟ ଇନିଙ୍ଗ୍‌ସରେ ଯଶସ୍ୱୀ ଜୟଶ୍ୱାଲ୍ ସର୍ବାଧିକ ୭୭ ରନ୍ ଏବଂ ରବୀନ୍ଦ୍ର ଜାଡେଜା ୪୨ ରନ୍ ସଂଗ୍ରହ କରିଥିଲେ । ନ୍ୟୁଜିଲାଣ୍ଡ ପକ୍ଷରୁ ଦୁଇଟିଯାକ ଇନିଙ୍ଗ୍‌ସ୍‌ରେ ମୋଟ ୧୩ଟି ୱିକେଟ୍ ହାସଲ କରିଥିବା ମିଚେଲ୍ ସାଣ୍ଟେନର୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆସନ୍ତାମାସ ପହିଲାରେ ମୁମ୍ବାଇର ୱାଖେଡ୍ ଷ୍ଟାଡିୟମ୍‌ରେ ତୃତୀୟ ମ୍ୟାଚ୍ ଖେଳାଯିବ ।

*****